# ନୃସିଂହ ଗୁରୁଙ୍କ ଜୀବନ :ଏକ ସରଳ ରେଖା

ଡଃ ପ୍ରଫୁଲ୍ଲ କୁମାର ପତି

ସରଳରେଖାର ଲକ୍ଷଣ ହେଉଛି ଯେ ଏହା ଏକ ବିନ୍ଦୁରୁ ବାହାରି ଅନ୍ୟ ଏକ ବିନ୍ଦୁ ଉଦ୍ଦେଶ୍ୟରେ ଏପରି ଭାବରେ ଗତି କରେ ଯେ ଏହା ଆଦୌ ଦିଗ ପରିବର୍ତ୍ତନ କରେ ନାହିଁ । ନୃସିଂହ ଗୁରୁଙ୍କ କଥା ଭାବିଲେ ସରଳରେଖାର ଏହି ଲକ୍ଷଣ ମନକୁ ଆପେ ଆପେ ଆସେ । ତାଙ୍କର ଜୀବନର ଆରମ୍ଭ ବିନ୍ଦୁ ହେଲା ଏକ କୁଳୀନ ବ୍ରାହ୍ମଣ ପରିବାର । ସେତେବେଳେ ବ୍ରାହ୍ମଣ ସଂସ୍କାର ବଳବତ୍ତର ଥିଲା,ସେତେବେଳେ ଏହି ଗୁରୁ ବଂଶର ବ୍ୟକ୍ତି ମାନେ ଶ୍ରେଷ୍ଠ ବ୍ରାହ୍ମଣ ଭାବରେ ଗଣ୍ୟ ହେଉଥିବାରୁ ଉତ୍ତରାଧିକାରୀ ସୂତ୍ରରେ ବ୍ରାହ୍ମଣ ସଭାର ସଭାପତି ହେଉଥିଲେ । ଗୁରୁ ବଂଶର ଲୋକେ ଯଜନଯାଜନକୁ ନିଜର କୂଳ ଧର୍ମ ଭାବରେ ଗ୍ରହଣ କରୁଥିଲେ । ପରେ ଅବଶ୍ୟ ଏମାନେ ଇଂରେଜୀ ଶିକ୍ଷା ଲାଭ କରି ସରକାରୀ ଚାକିରୀ ଗ୍ରହଣ କରୁଥିଲେ । କିନ୍ତୁ ନୃସିଂହ ଗୁରୁଙ୍କ ଜୀବନ ଆରମ୍ଭରୁ ଏକ ଭିନ୍ନ ସରଳ ରାସ୍ତା ବାଛିନେଲା । ଏହି ରାସ୍ତାର ଶେଷ ବିନ୍ଦୁ ହେଲା ଗାନ୍ଧିଜୀଙ୍କ ପ୍ରଦର୍ଶିତ ଆଦର୍ଶ ।

ନିନ୍ଦନ୍ତୁ ନୀତିନିପୁଣ୍ୟାଃ ଯଦି ବା ସ୍ତବନ୍ତୁ
ଲକ୍ଷ୍ମୀ ସମାବିଶତୁ ଗଚ୍ଛତୁ ବା ଯଥେଷ୍ଟଂ
ଅଦ୍ୟେବ ମରଣମସ୍ତୁ ଯୁଗାନ୍ତରେବା
ନ୍ୟାୟାତ୍ ପଥଃ ପ୍ରବଚଳନ୍ତି ପଦଂ ନଧିରାଃ

ସେ ହରିଜନ ମାନଙ୍କ ଗହଣରେ ରହିବା ଫଳରେ ନୀତିନିପୁଣ ପଣ୍ଡିତ ମାନଙ୍କର କଟୁ ସମାଲୋଚନାର ଶରବ୍ୟ ହୋଇଥିଲେ । ଲକ୍ଷ୍ମୀ ତାଙ୍କ ପ୍ରତି କେବେ ପ୍ରସନ୍ନା ନ ଥିଲେ । କଷ୍ଟ ବା ମରଣକୁ ଭୃକ୍ଷେପ ନ କରି ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । କିନ୍ତୁ ସେ ସର୍ବଦା ଧୀର ରହି ଏହି ସରଳ ପଥରୁ ପାଦେ ମଧ୍ୟ ବିଚ୍ୟୁତ ହୋଇ ନ ଥିଲେ ।

ଏହି ସରଳ ରାସ୍ତାରେ ସେ ଥିଲେ ଏକ ସରଳ ପଥିକ । ତାଙ୍କ ବେଶଭୂଷା ତ ସରଳ ଥିଲା । ତାଙ୍କର ପରିଧାନ ଥିଲା ମୋଟା ଖଦୀ । ଜୋତା ଚଟି ଆଦି ସେ କେବେ ବ୍ୟବହାର କରୁ ନ ଥିଲେ । କାମିଜ ପିନ୍ଧି ଦେହ ଘୋଡାଇବାର ଆବଶ୍ୟକତା କେବେ ଅନୁଭବ କରୁନଥିଲେ । ଏହି ପୋଷାକ ସହିତ ତାଳପତ୍ର ଛତା ବେଶ ମାନୁ ଥିଲା । କିନ୍ତୁ ଏହା ନୃସିଂହ ଗୁରୁଙ୍କର ସରଳତାର ଏକ ଗୁରୁତ୍ୱପୂର୍ଣ୍ଣ ନିଦର୍ଶନ ନୁହେଁ କାରଣ ଏହା ଥିଲା ବାହ୍ୟ । ସେ ସରଳମନା ଥିଲେ । ତାଙ୍କର ଚିନ୍ତା ଓ କର୍ମ,ଭାବନା ଓ ବ୍ୟବହାର ମଧ୍ୟରେ ପାଣି ଗଳୁ ନ ଥିଲା । ଅର୍ଥ ଲିପ୍ସା, କ୍ଷମତା ଲାଳସା ଏବଂ ଉଚ୍ଚାକାଂକ୍ଷାରୁ ମୁକ୍ତ ଥିବାରୁ ତାଙ୍କୁ କେବେ ବି କପଟତା, ଜଟିଳତାର ଆଶ୍ରୟ ନେବାକୁ ପଡୁ ନ ଥିଲା । ଏହା ସହଜ ନୁହେଁ । ଦୁନିଆଁରେ ଜଞ୍ଜାଳର ଜାଲ ଏପରି ଜଟିଳ ଯେ ତାହା ପ୍ରତ୍ୟେକ ମଣିଷକୁ ଭିନ୍ନ ଭିନ୍ନ ଭାବରେ ଜାବୁଡି ପକାଏ । ଅତି ଅଳ୍ପ ସଂଖ୍ୟକ ଲୋକ ଏହି ଜାଲ ଛିଣ୍ଡାଇବାରେ ସମର୍ଥ ହୁଅନ୍ତ ନୃସିଂହ ଗୁରୁ ସେମାନଙ୍କ ମଧ୍ୟରେ ଅନ୍ୟତମ ।

ଯେଉଁ ସରଳ ପଥ ନୃସିଂହ ଗୁରୁ ବାଛି ନେଇଥିଲେ ସେଇ ପଥ ଥିଲା ବନ୍ଧୁର । ସେହି ପଥରେ ଲାଲ କପଡା ବା ଫୁଲ ବିଛା ହୋଇ ନ ଥିଲା । ସ୍ୱାଧୀନ ଭାରତରେ ବି ବ୍ୟକ୍ତିଗତ ସୁଖ ସେ କେବେ ଚାହିଁ ନ ଥିଲେ । କିନ୍ତୁ ଯେଉଁମାନେ ସତ୍ୟ, ନିଷ୍ଠା ଓ ସାଧନାର ଏହି ପଥ ପରିତ୍ୟାଗ କରିଥିଲେ ସେମାନଙ୍କ ପ୍ରତି ତାଙ୍କର ଘୃଣା ତ ଦୂରର କଥା, ଈର୍ଷା ବା ଦ୍ୱେଷ ଲେଶ ମାତ୍ର ନ ଥିଲା । ସେ ଅନ୍ୟମାନଙ୍କର କୁଶଳ ଚିନ୍ତା ସର୍ବଦା କରୁଥିଲେ । ସ୍ନେହ ପୂର୍ଣ୍ଣ କଥା କହି ସମସ୍ତଙ୍କୁ ଆନନ୍ଦ ପ୍ରଦାନ କରୁଥିଲେ ଓ ସମସ୍ତଙ୍କର ହିତ ପାଇଁ ସର୍ବଦା କାର୍ଯ୍ୟ କରୁଥିଲେ । ଜୀବନର ପ୍ରତ୍ୟେକ ବିଭାବରେ ଏପରି ସାଫଲ୍ୟ କ୍ୱଚିତ ଦେଖିବାକୁ ମିଳି ଥାଏ । ତାଙ୍କର ସାମ୍ବାଦିକତା ମଧ୍ୟ ଏକ ସରଳ ତଥ୍ୟ ଉପରେ ଆଧାରିତ ଥିଲା -'ଗଲି ଅଇଲି ଯାହା ଦେଖିଲି ତାହା ଲେଖିଲି '। ପକ୍ଷପାତିତା, ଅତିରଞ୍ଜନ, ସତ୍ୟ ଗୋପନ, ମିଥ୍ୟା ପରିବେଷଣ ଆଦି ଦୋଷ ତାଙ୍କର ସାମ୍ବାଦିକତାକୁ ସ୍ପର୍ଶ କରି ପାରି ନଥିଲା । ସେ ଜଣେ ସାଧାରଣ ସାମ୍ବାଦିକ ଥିଲେ ମଧ୍ୟ ତାଙ୍କର ବ୍ୟକ୍ତିତ୍ୱ ଅସାଧାରଣ ଧରଣର ଥିଲା । ତାଙ୍କୁ କେହି କେବେ କିଣି ପାରି ନାହାଁନ୍ତି । ମରୁଡି ଅଞ୍ଚଳର ଅବସ୍ଥା ସମ୍ପର୍କରେ ତାଙ୍କର ଲେଖାଗୁଡିକ ଥିଲା ନିର୍ମଳ ସାମ୍ବାଦିକତାର ଏକ ଜ୍ୱଳନ୍ତ ଉଦାହରଣ ।

ସେ ଏକ ଆଦର୍ଶ ସ୍ୱାଧୀନତା ସଂଗ୍ରାମୀ ଓ ସାମ୍ବାଦିକ ହୋଇଥିଲେ ହେଁ ରାଜନୀତି କ୍ଷେତ୍ରରେ ଆଗକୁ ଯାଇପାରି ନ ଥିଲେ । କିପରି ବା ଯାଆନ୍ତେ ?

ଆଜିକାଲି ଆଗକୁ ଯିବା ପାଇଁ ଲୋକ ସତ୍ୟର ବାଟ ବିନା ଦ୍ୱିଧାରେ କାଟି ଅନ୍ୟ ବଙ୍କା ରାସ୍ତାରେ ଯାଉଛନ୍ତି । ସେମାନଙ୍କ ସହିତ ଅନ୍ୟମାନେ ଆଗକୁ ଯାଇଥିଲେ । ସେମାନଙ୍କୁ ଚାଲାକିରେ ପଛକୁ ଟାଣୁଛନ୍ତି । ସେମାନଙ୍କ ସାମ୍ନାରେ ପାଦରଖି ସେମାନଙ୍କ ଗୋଡ ଛନ୍ଦି ଦେଉଛନ୍ତି । ଆବଶ୍ୟକ ହେଲେ ପିଠିରେ ଛୁରି ମାରିବା ପାଇଁ ବି ପଛାଉ ନାହାଁନ୍ତି । ସରଳ ନୃସିଂହ ଗୁରୁ ସ୍ୱପ୍ନରେ ବି ଏ ସବୁ କଥା ଚିନ୍ତା କରିପାରୁ ନଥିଲା ।

ବଡପଣ ସିନା ମଣିଷ ପଣିଆ
ଆଉ ସବୁ ପଣ ଅଡେଇ ଦିନିଆ ।

ନୃସିଂହ ଗୁରୁ ଯେ ପ୍ରକୃତରେ ବଡ ଥିଲେ ତାହାର ପ୍ରମାଣ ହେଉଛି ଆମର ଏହି ସ୍ମରଣିକା । ତାଙ୍କୁ ଆମେ ଭୁଲି ନାହୁଁ ଏବଂ ଦୀର୍ଘ ଦିନ ଧରି ଭୁଲିବୁ ନାହିଁ । କିନ୍ତୁ ସେ ଯେଉଁ ସରଳରେଖା ଟାଣି ଯାଇଛନ୍ତି,ଜୀବନ -ଆଦର୍ଶ, ସେପରି ସରଳରେଖା ଆମେ ବିଶେଷତଃ ଆମର ଯୁବକ ଯୁବତୀମାନେ ନିଜର ଜୀବନ ପାଇଁ ଟାଣି ପାରିଲେ ଏବଂ ବିଚ୍ୟୁତ ନ ହୋଇ ସେହି ସରଳ ରାସ୍ତାର ପଥିକ ହୋଇ ପାରିଲେ, ଏହି ସରଳ ମଣିଷ ପ୍ରତି ତାହା ଆମର ପ୍ରକୃତ ସମ୍ମାନ ପ୍ରଦର୍ଶନ ହେବ ।

ପୂର୍ବତନ କୁଳପତି,
ସମ୍ବଲପୁର ବିଶ୍ୱବିଦ୍ୟାଳୟ
ସାକ୍ଷୀପଡ଼ା, ସମ୍ବଲପୁର-୭୬୮୦୦୧